# ସର୍ତ୍ତାବଳୀ (Terms & Conditions)

## (ବାଲିଅନ୍ତା ତହଲସିଲ ଅଧିନରେ ଥିବା ଲଘୁ ଖଣିଜ ଉତ୍ସର ଦିର୍ଘମିଆଦି ଲିଜ୍ ନିମନ୍ତେ )

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-2016 (OMMC RULE-2016 ର ପରିସରଭୁକ୍ତ ରହିବେ ।
2. ଇଚ୍ଛୁକ ପ୍ରାର୍ଥୀମାନେ ଲିଜ ଦରଖାସ୍ତ ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି ସୌରାତ ଉତ୍ସର ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଟେଣ୍ଡର ନିଲାମରେ ଅଂଶ ଗ୍ରହଣ କରିବେ । ଯେଉଁ ସୌରାତ ଉତ୍ସ ଗୁଡିକୁ ସରକାରୀ ରାସ୍ତାନାହିଁ ସେଥିରେ ଲିଜ ନେଇଥିବା ବ୍ୟକ୍ତି ବିଶେଷ ଉକ୍ତ ସୌରାତ ଉତ୍ସକୁ ଗମନା ଗମନ ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟିତ୍ୱରେ କରିବେ ।
3. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବେ ତେବେ ଲଟେରୀ ମାଧମରେ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ।
4. ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜଦ୍ରବ୍ୟ ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ରୟାଲିଟି ନିମନ୍ତେ @Rs.35/- ଏବଂ contribution payable to DMF per cum ଗୁଣନ କରି ସଂପୃକ୍ତ ରାଶିର 25% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ର ଆମାନତ ରାଶି ( Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନାସୁଧ( Interest Free ) ରେ ରଖାଯିବ ।
5. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦର ମୂଲ୍ୟ ପୈଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁରୀ (Environmental Clearance) ସଂପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।
6. ଯଦି ସର୍ବୋଚ୍ଚ (Additional Charge) ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମାରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।
7. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ୍ ହୋଇଥାଏ ତେବେ ଲିଜ ପ୍ରକିୟାକୁ ରଦ୍ଦ କରାଯାଇ( Controlling Authority ) ଙ୍କ ଅନୁମତି କ୍ରମେ ନୁତନରୁପେ ନିଲାମ କରାଯିବ ।
8. ଯଦି ଦରଖାସ୍ତକାରୀ ଧାର୍ଯ୍ୟା ମୁଲ୍ୟାଠାରୁ କମ୍ ମୁଲ୍ୟା ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
9. ନିଲାମଧାରୀ 2016 (OMMC RULE-2016 ର ନିୟମ-33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ଓ ନଚେତ ଏ ସମ୍ବନ୍ଧରେ ଯେକୌଣସି Amendment ଆସିଲେ ନିଲାମ ଗ୍ରହିତା ଉକ୍ତ ସର୍ତ୍ତାବଳୀ ମାନିବାକୁ ମଧ୍ୟ ବାଧ ହେବେ ।
10. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

ତହସିଲଦାର, ବାଲିଅନ୍ତା